# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st August – 2025

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟସ୍ ପ୍ରତିଯୋଗିତାର ସ୍ୱର୍ଣ୍ଣପଦକ ବିଜେତା ଓଡ଼ିଶାର ରଶ୍ମିତା ସାହୁଙ୍କ ସହ ମନ୍ କୀ ବାତ୍‌ରେ ବାର୍ତ୍ତାଳାପ କଲେ ପ୍ରଧାନମନ୍ତ୍ରୀ
- ଶାସନ ବ୍ୟବସ୍ଥାକୁ ସମାଜର ଶେଷ ଧାଡିରେ ଥିବା ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସ୍ୱାୟତ୍ତ ଶାସନ ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା, କହିଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱରର ୩୯୪ଟି ଅର୍ଥନୈତିକ ଦୁର୍ବଳ ପରିବାରକୁ କଲେ ଗୃହ ଆବଣ୍ଟନ
- ମଧୁମେହର ମୁକାବିଲା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ
- ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଉଦ୍‌ଘାଟିତ ହେଲା ନୂତନ ଅଡିଓ ଓ କ୍ରୋମା ରେକର୍ଡିଂଙ୍ଗ୍ ଷ୍ଟୁଡିଓ

ଏବଂ

- ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଉଛି ରାଧାଷ୍ଟମୀ ନୀତି

# ମନ୍ କୀ ବାତ୍

'ଏକ ଭାରତ, ଶ୍ରେଷ୍ଠ ଭାରତ' ମନ୍ତ୍ରରେ ଏକହୋଇ ଦେଶବାସୀଙ୍କୁ ଆଗେଇବାକୁ ହେବ। ଏହି କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ୧୨୪ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀନଗରର ଡାଲ୍ ହ୍ରଦରେ ୮୦୦ ଖେଳାଳିଙ୍କୁ ନେଇ ପ୍ରଥମଥର 'ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ' ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କ୍ରୀଡ଼ା ମହୋତ୍ସବରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ଜିତିଥିବା ଓଡ଼ିଶାର ଖେଳାଳୀ ରଶ୍ମିତା ସାହୁଙ୍କ ସହ ପ୍ରଧାନମନ୍ତ୍ରୀ ଫୋନ୍ ଯୋଗେ କଥା ହୋଇଥିଲେ। ରଶ୍ମିତା ଯୁବବର୍ଗଙ୍କ ପାଇଁ ଏକ ପ୍ରେରଣା ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସହ ଖେଳରେ ଦେଶର ନାମ ଉଜ୍ଜ୍ୱଳ କରିଥିବାରୁ ପ୍ରଧାନମନ୍ତ୍ରୀ ରଶ୍ମିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**- V/O -(PM)**

ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ପରେ ନିଜର ଖୁସି ବ୍ୟକ୍ତ କରି ରଶ୍ମିତା ଆକାଶବାଣୀକୁ କହିଛନ୍ତି....

**- V/O -(Rasmita)**

ତାଙ୍କର ସମ୍ବୋଧନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଆତ୍ମନିର୍ଭର ଭାରତ ପଥରେ ବିକଶିତ ଦେଶ ଗଠନ ଲକ୍ଷ୍ୟ ନେଇ ଭାରତକୁ 'ଭୋକାଲ୍ ଫର ଲୋକାଲ୍' ମନ୍ତ୍ର ସହିତ ଆଗକୁ ବଢ଼ିବାକୁ ହେବ। ଆଗାମୀ ପାର୍ବଣ ଋତୁରେ ଭାରତରେ ପ୍ରସ୍ତୁତ ଉପହାର, ଭାରତରେ ବୁଣା ହୋଇଥିବା ବସ୍ତ୍ର ଏବଂ ଜୀବନର ପ୍ରତ୍ୟେକ ଆବଶ୍ୟକତା ସ୍ୱଦେଶୀ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ଚଳିତ ମୌସୁମୀ ଋତୁରେ ଦେଖାଦେଇଥିବା ପ୍ରାକୃତିକ ବିପର୍ଯ୍ୟୟ ଦେଶ ପାଇଁ ସମସ୍ୟା ସୃଷ୍ଟି କରିଛି। ଗତ କିଛି ସପ୍ତାହ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ବନ୍ୟା ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି, ଆମର ଯବାନମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ରିଲିଫ ଓ ଥଇଥାନ କାର୍ଯ୍ୟ କରୁଛନ୍ତି। ଏହି ପରୀକ୍ଷା ସମୟରେ ମାନବୀୟ ଗୁଣାବଳୀ ପ୍ରଦର୍ଶନ କରିଥିବା ସମସ୍ତଙ୍କ ପ୍ରତି ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ଲୋକସେବା ଆୟୋଗ- ୟୁପିଏସ୍ସି ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ମେଧା ତାଲିକାରେ ସ୍ଥାନ ପାଇନଥିବା ଛାତ୍ରଛାତ୍ରୀମାନେ ଡିଜିଟାଲ ପ୍ଲାଟଫର୍ମ 'ପ୍ରତିଭା ସେତୁ'ର ସୁବିଧା ନେଇପାରିବେ। ଶ୍ରୀ ମୋଦୀ କହିଛନ୍ତି, ଏହି ପୋର୍ଟାଲ ଜରିଆରେ ଶତାଧିକ ପ୍ରାର୍ଥୀ ଉପଯୁକ୍ତ ନିଯୁକ୍ତି ପାଇପାରିଛନ୍ତି ଏବଂ ଏହା ଆଗକୁ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ଭାରତରେ ନିୟମିତ ଭାବେ ଫୁଟବଲ୍ ଖେଳର ଲୋକପ୍ରିୟତା ବଢୁଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ମଧ୍ୟପ୍ରଦେଶର ସାହଦଲ୍ ସହରରେ ଆରମ୍ଭ ହୋଇଥିବା କ୍ରୀଡ଼ାବିପ୍ଳବକୁ ଦେଖିବା ପାଇଁ ଯିବାକୁ ଫୁଟବଲପ୍ରେମୀମାନଙ୍କୁ ଆହ୍ୱାନ କରିଛନ୍ତି।

ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ଏବେ ଭାରତୀୟ ସଂସ୍କୃତି ଓ ରାମାୟଣ ପ୍ରତି ଶ୍ରଦ୍ଧା ଦେଖାଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଋଷିଆର ଭ୍ଲାଡିବୋଷ୍ଟକ ସହରରେ ଆୟୋଜିତ ଏକ ପ୍ରଦର୍ଶନୀରେ ଋଷୀୟ ପିଲାମାନଙ୍କ ଦ୍ୱାରା ରାମାୟଣ ଶୀର୍ଷକ ଅନେକଗୁଡ଼ିଏ ଚିତ୍ରାଙ୍କନ ପ୍ରଦର୍ଶିତ ହୋଇଥିଲା।

ଶ୍ରୀ ମୋଦୀ ଆସନ୍ତା ୧୫ ତାରିଖରେ ପାଳିତ ହେବାକୁ ଥିବା 'ଇଞ୍ଜିନିୟର୍ସ ଡେ' ଏବଂ ୧୭ ତାରିଖରେ 'ବିଶ୍ୱକର୍ମା ପୂଜା' ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦେଶରେ ବିଶ୍ୱକର୍ମା ଶିଳ୍ପୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# - V/O - (PM)

## ସ୍ୱାୟତ୍ତ ଶାସନ ଦିବସ

ଶାସନ ବ୍ୟବସ୍ଥାକୁ ସମାଜର ଶେଷ ଧାଡିରେ ଥିବା ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସ୍ୱାୟତ୍ତ ଶାସନ ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟର ସହରାଞ୍ଚଳଗୁଡ଼ିକ ହେଉଛି ବିକାଶର ପ୍ରତିଛବି। ଆସନ୍ତାବର୍ଷ ଏପ୍ରିଲ୍ ମାସ

ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା ଡ୍ରେନ୍‌କୁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଧିକ ଦାୟିତ୍ୱବାନ୍ ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି ।  ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୬ଟି ନୂଆ ଏନ୍‌ଏସି ଏବଂ ୭ଟି ନୂଆ ମ୍ୟୁନିସିପାଲଟି ଘୋଷଣା କରିଛନ୍ତି । ଭୁବନେଶ୍ୱରର ୩୯୪ଟି ଅର୍ଥନୈତିକ ଦୁର୍ବଳ ପରିବାରକୁ ଗୃହ ଆବଣ୍ଟନ କରାଯାଇଛି । ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ସମସ୍ତ ପୌରାଞ୍ଚଳକୁ ସହଯୋଗ କାର୍ଯ୍ୟକ୍ରମ ସମ୍ପ୍ରସାରିତ କରାଯାଇଛି ।

୧୫୭ କୋଟି ଟଙ୍କାର ୪୩ଟି ବହୁମୁଖି କେନ୍ଦ୍ର, ଏମ୍‌ଆରଏଫ୍, ପ୍ଲାଜ୍‌ମା ପାଇରୋଲିସିସ୍ ୟୁନିଟ୍ ଓ ୬ଟି ଗୋଶାଳାର ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ ପାଇଁ ସହାୟତା ନମ୍ବର ୧୯୨୯ର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନ୍ୟାସନାଲ କମନ ମୋବିଲିଟି କାର୍ଡର ଶୁଭାରମ୍ଭ କରିଛନ୍ତି । ପରବର୍ତ୍ତୀ ସମୟରେ ଓଏସ୍‌ଆରଟିସି ବସ୍‌ଗୁଡ଼ିକରେ ଏହି କାର୍ଡର ସୁବିଧା ଉପଲବ୍ଧ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି । କାର୍ଯ୍ୟକ୍ରମରେ ସହରାଞ୍ଚଳରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ପୌରାଞ୍ଚଳ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ଜାତୀୟ ସ୍ତରରେ ଉତ୍କର୍ଷତା ହାସଲ କରିଥିବା ଆସ୍କା, ଚିକିଟି ଓ ଭୁବନେଶ୍ୱର ମହାନଗର ନିଗମକୁ ପୁରସ୍କୃତ କରାଯାଇଥିଲା ।

**ମଧୁମେହ-ରାଜ୍ୟପାଳ**

ସାଂପ୍ରତିକ ସମୟରେ ମଧୁମେହ ରୋଗ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି, ଏହି ରୋଗର ମୁକାବିଲା ପାଇଁ ସାମୂହିକ ସଚେତନତା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। କଟକ ବଡ଼ ଡାକ୍ତରଖାନା ଓ ଭେଷଜ ମହାବିଦ୍ୟାଳୟ ସେଣ୍ଟ୍ରାଲ ଅଡିଟୋରିୟମ୍‌ଠାରେ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗଦେଇ, ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ଆହ୍ୱାନ ଦେଇଛନ୍ତି। ମଧୁମେହ ରୋଗକୁ ଏକ ନୀରବ ମହାମାରୀ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି, ଏହା କେବଳ ବ୍ୟକ୍ତିବିଶେଷ ନୁହେଁ, ପରିବାର ଉପରେ ଆର୍ଥିକ ବୋଝ ପକାଉଛି।

କର୍କଟ, ମଧୁମେହ, ହୃଦରୋଗ ଏବଂ ନିବାରଣ ଓ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏନ୍‌ପିସିଡିସିଏସ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ସମ୍ମିଳନୀରେ ଜୀବନବ୍ୟାପୀ କୃତିତ୍ୱ ପାଇଁ ପ୍ରଫେସର ଡାକ୍ତର ସିଦ୍ଧାର୍ଥ ଦାସଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିଠାରୁ ଆରଏସ୍ଏସ୍‌ଡିଆଇ ରୁରାଲ ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

## କ୍ରୋମା ରେକର୍ଡିଂ ଷ୍ଟୁଡିଓ

ଭୁବନେଶ୍ୱରସ୍ଥିତ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଆଜି ଏକ ନୂତନ ଅଡିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡିଓକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି। ଏଡି ଅଡିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡିଓ ଓଡ଼ିଶାର ନୃତ୍ୟ, ସଂଗୀତ ଓ ନାଟକ ଜଗତ ପାଇଁ ସମର୍ପିତ।

ଏହାଦ୍ୱାରା ଆମ ଓଡ଼ିଶାର କଳାକାରମାନେ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଆଗାମୀ ଦିନରେ ଏହି ନୂତନ କ୍ରୋମା ଓ ଅଡିଓ ରେକଡିଂ ଷ୍ଟୁଡିଓର ବ୍ୟବହାର ସମ୍ପର୍କରେ ସଂସ୍କୃତି ବିଭାଗ ତରଫରୁ ଏକ ମାର୍ଗଦର୍ଶିକା ଜାରି କରାଯିବ। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ରେକର୍ଡିଂ ସହିତ ଘରୋଇ ସଂସ୍ଥାମାନେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

## କ୍ରୀଡା ଉତ୍ସବ-ଜିଲ୍ଲା

ଜାତୀୟ କ୍ରୀଡା ଉତ୍ସବ ଉପଲକ୍ଷେ **ନୟାଗଡ଼** ଜିଲ୍ଲାରେ ଆଜି ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ରାଲି ସ୍ଥାନୀୟ ଦକ୍ଷିଣ କାଳୀ ମନ୍ଦିରରୁ ବାହାରି ମହର୍ଷି ବିଦ୍ୟାମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୧୫୦ରୁ ଅଧିକ କ୍ରୀଡାସ୍କୁଲ ଛାତ୍ରଛାତ୍ରୀ, ଫୁଟବଲ୍ କୋଚ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଆଥଲେଟିକ୍ ସଂଘର ସମ୍ପାଦକ ଓ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

## ସାଧାରଣ ପରିଷଦ ବୈଠକ

**ପୁରୀ**ରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ବିଶେଷକରି, ଆଗାମୀ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-ଟ୍ୱେଣ୍ଟି ମ୍ୟାଚ୍‌ର ସଫଳ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୧୫ ତାରିଖଠାରୁ ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଥିବା ଓଡିଶା ପ୍ରିମିୟର ଲିଗ୍ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ କ୍ରିକେଟ୍ ଖେଳାଳି ଦେବାଶୀଷ ମହାନ୍ତି, ସଞ୍ଜୟ ରାଉଳ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓସିଏ ସଦସ୍ୟମାନେ ଯୋଗଦେଇଥିଲେ।

# ସ୍ୱାୟତ୍ତ ଶାସନ–ଜିଲ୍ଲା

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି ।

**ନୂଆପଡ଼ା** ଜିଲ୍ଲାର ୩ଟି ବିଜ୍ଞପିତ ଅଞ୍ଚଳ ପରିଷଦରେ ଏହି ଦିବସ ପାଳିତ ହୋଇଯାଇଛି । ଖଡିଆଳ ବିଜ୍ଞପିତ ଅଂଚଳ ପରିଷଦ ପକ୍ଷରୁ ମହିଳାମାନଙ୍କ ଦ୍ୱାରା ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ପୁରୀ** ଜିଲ୍ଲା ନିମାପଡା ବିଜ୍ଞପିତ ଅଂଚଳ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ । ବ୍ଲକ ଛକ ନିକଟରେ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୨ଟି ଓ୍ୱାଟର ଫାଉଣ୍ଟେସନ୍ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

**କେନ୍ଦ୍ରାପଡ଼ା** ପୌରପାଳିକା ଟାଉନ୍‌ହଲ୍‌ଠାରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

**ବୌଦ୍ଧ** ଏନ୍‌ଏସି ପକ୍ଷରୁ ସ୍ଥାନୀୟ ଟାଉନ୍‌ହଲ୍‌ରେ ଏହି ଦିବସ ପାଳିତ ହୋଇଯାଇଛି ।

ଉତ୍ସବରେ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗ ଦେଇ ସହରର ବିକାଶ ପାଇଁ ପୌର କର୍ମଚାରୀଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ ।

**ଦେବଗଡ଼**ରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,  ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ରାୟଗଡ଼ା** ପୌର ପରିଷଦ ଅଡିଟୋରିୟମ୍‌ରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଚାରାରୋପଣ ଓ ସଫେଇ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୩୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

**ମାଲକାନଗିରି** ଜିଲ୍ଲାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି।

## ରାଧାଷ୍ଟମୀ

**ପୁରୀ** ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ  ରାଧାଷ୍ଟମୀ ନୀତି ପାଳନ କରାଯାଉଛି। ଏ ନେଇ ସ୍ୱତନ୍ତ୍ର ନୀତି ଅବସରରେ ଚକ୍ରରାଜ ସୁଦର୍ଶନଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମା କରୁଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଦଇତାପତିମାନେ ସୁଦର୍ଶନଙ୍କୁ ପହଣ୍ଡି କରି ଆଣି ଜଗମୋହନ ଚଉଦୋଳରେ ବିଜେ କରାଇଛନ୍ତି।

ଗଉଡ଼ବାଡ ସାହିର ଜମ୍ବେଶ୍ୱର ମହାଦେବ ମନ୍ଦିରକୁ ବିଜେ କରିବା ସହ ସେଠାରେ ଶୀତଳଭୋଗ ଓ ପ୍ରସାଦ ଲାଗି ନୀତି ଅନୁଷ୍ଠିତ ହେବ। ପରେ ଜମ୍ବେଶ୍ୱରଙ୍କ ପକ୍ଷରୁ ଜଣେ ପୂଜାପଣ୍ଡା ସାମନ୍ତ ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟ ହିସାବ ସୁଦର୍ଶନଙ୍କ ସମ୍ମୁଖରେ ପଢ଼ି ନୀତି ସମ୍ପୂର୍ଣ୍ଣ କରିବେ।